# ଦେବବାଣୀ

କବି ରଘୁନାଥ ଦାସ

ଘନାଇଛି ଅନ୍ଧକାର, ଘୁମନ୍ତ ମଥୁରା;

ଆର୍ତ୍ତନାଦେ ଥରି ଉଠେ ଅବରୁଦ୍ଧ କାରା,

ଦେବକୀର ନେତ୍ରେ ଜଳେ ଅମଙ୍ଗଳ ତାରା,

କଂସ ସାବଧାନ!

ଏ ଗର୍ଭେ ସଂଚରି ଅଛି ଯେ ଶିଶୁ ମହାନ୍

ମହାପ୍ରାଣ

ସେ ତ ଅନିର୍ବାଣ!

ବ୍ୟଭିଚାରେ ଜର୍ଜରିତା ଉତ୍‌ଫଣ ଜମୁନା

କୂଳେ କୂଳେ ହାଣେ ତା'ର କୃଷ୍ଣ ଉତ୍ତେଜନା,

ଧସିବାକୁ ଚାହେଁ ତାହା ଗ୍ଲାନିଜୀର୍ଣ୍ଣ ଯାହା କିଛି ପୁରୁଣା ।

କଂସ ସାବଧାନ!

ଅନ୍ୟାୟର ପ୍ରତିପକ୍ଷେ ଦୃପ୍ତ ପ୍ରତିଶୋଧ,

ଅବିଚାର ପ୍ରତିପେକ୍ଷେ ପୁଞ୍ଜୀଭୂତ କ୍ରୋଧ

ସୁଧମୂଳ ହିଂସା ମାଗେ ନେବ ପରିଶୋଧ

କଂସ ସାବଧାନ!

www.jatayu.org
Powered by Tekons

# ଦେବବାଣୀ

କବି ରଘୁନାଥ ଦାସ

ସୃଷ୍ଟିର ନି଼ୟମ ଏ ତ, ହେବ ନାହିଁ ଆନ,

କ୍ରିୟାଠାରୁ ପ୍ରତିକ୍ରିୟା ନୁହେଁ କେବେ ସାନ;

ରାତ୍ରିର ଦୁର୍ଭେଦ୍ୟ ଦୁର୍ଗେ

ହେବ, ହେବ ଆଲୋକର ଉଚ୍ଛଳ ପାର୍ବଣ ।

ସତ୍ୟ ଏହା ଚିରନ୍ତନ, ଅଭ୍ରାନ୍ତ ଅମ୍ଳାନ ।

କଂସ ସାବଧାନ!

www.jataayu.org